# Akashvani, Sambalpur

## SAMBALPURI NEWS BULLETIN

### 22 May 2024- 6.47- 6.52 am.

*********************************************

୨ ନମ୍ବର୍ ଖେପ୍ ନିର୍ବାଚନ୍- ରାଜ୍ୟ  ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଗଲା ସୋମ୍‌ବାର୍ ୨୦ ତାରିଖ୍ ଦିନ ସରିଥିବା ୨ ନମ୍ବର୍ ଖେପ୍ ନିର୍ବାଚନ୍‌ଥି ମତଦାନ୍ ହାର ୭୩ ଦଶ୍‌ମିକ୍ ୫/ଶୂନ୍ ପ୍ରତିଶତ୍ ରହିଛେ ବଲି ଭାରତ୍‌ର ନିର୍ବାଚନ ଆୟୋଗ୍‌ଙ୍କର୍ ସୂତ୍ରନୁ ଜନାପଡ଼ିଛେ । ରାଜ୍ୟର୍ ୫ ଟା ଲୋକ୍‌ସଭା ଭିତ୍‌ରେ ବର୍‌ଗଡ୍ ନ ସବୁଠାନୁ ଅଏତ୍‌କା ମତଦାନ୍ ହାର ୭୯ ଦଶ୍‌ମିକ୍ ୭/୮ ପ୍ରତିଶତ୍ ରହିଥିଲା ବେଲେ ଆସ୍କା ନ ସବୁଠାନୁ କମ୍ ୬୨ ଦଶ୍‌ମିକ୍ ୬/୭ ପ୍ରତିଶତ୍ ରହିଛେ । ସେନ୍ତା ବିଧାନ୍‌ସଭା ଆସନ୍ ଲାଗି ହେଇଥିବା ମତଦାନ୍‌ଥି ଭଟ୍‌ଲି ନ ସବୁଠାନୁ ଅଏତ୍‌କା ୮୪ ଦଶ୍‌ମିକ୍ ୧/୧ ପ୍ରତିଶତ୍ ଆର୍ ଆସ୍କା ନ ସବୁଠାନୁ କମ୍ ୫୯ ପ୍ରତିଶତ୍ ମତଦାନ୍ ହେଇଥିବାର୍ ଜନାପଡ଼ିଛେ ।

ରିପୋର୍ଟିଂ- ମୁଖ୍ୟ ନିର୍ବାଚନ୍ ଅଧିକାରୀ    ବୌଦ୍ଧ ସମ୍ବାଦଦାତା

ରାଜ୍ୟର୍ କନ୍ଧମାଲ୍ ସଂସଦୀୟ କ୍ଷେତ୍ରର୍ କଂଟାମାଲ୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀର୍ ୨୬ ନମ୍ବର୍ କାଦପଦର୍ ଆର୍ ୨୮ ନମ୍ବର୍ କିରାସୀରା ବୁଥ୍ ନ ଫେର୍‌ଘାଏ ମତଦାନ୍ ହେବା ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟ ତର୍‌ଫୁ ସୂଚ୍‌ନା ମିଳିଛେ । ଆଏବାକାଏଲ୍ ସଖାଲର୍ ୭ ବଜେନୁ ଉପର୍‌ବେଲା ୪ ବଜେତକ୍ ମତଦାନ୍ ଚାଲ୍‌ବା । ହେଥିର୍‌ଲାଗି କନ୍ଧମାଲ୍ ଲୋକ୍‌ସଭା ଆର୍ କଂଟାମାଲ୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀର୍ ସବୁ ପ୍ରାର୍ଥୀ ଆର୍ ଦୁହି ବୁଥ୍‌ର ସବୁ ମତଦାତା ମାନ୍‌କୁ- ସୂଚ୍‌ନା ଦେବାର୍ ଲାଗି ବୌଦ୍ଧ ଆର୍ କନ୍ଧମାଲ୍ ଜିଲ୍ଲାର୍ ଜିଲ୍ଲାପାଲ୍ ଆର୍ ନିର୍ବାଚନ୍ ଅଧିକାରୀମାନ୍‌କୁ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଇ ଦୁହି ନିର୍ବାଚନ୍ ମଣ୍ଡଲୀ ନ ଭୋଟ୍ ସମିଆଥି ହେଇଥିବା ଅନିୟମିତତାକେ ନଜର୍‌ଥି ରଖିକରି ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ଇ ନିଷ୍ପତି ନିଆଯାଇଛେ । ଇତାର୍‌ସହେତେ ଦିଲ୍ଲୀପ୍ କୁମାର୍ ମହାପାତ୍ରଙ୍କୁ ବୌଦ୍ଧ ଜିଲ୍ଲାର୍ ଅତିରିକ୍ତ ଜିଲ୍ଲାପାଲ୍ ଆଉ କଂଟାମାଲ୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀର୍ ରିଟର୍ଣ୍ଣିଂ ଅଧିକାରୀ ଭାବେ ଭାରତ୍‌ର ନିର୍ବାଚନ୍ ଆୟୋଗ୍ ନିଯୁକ୍ତ କରିଛନ୍ ।

ମୁଖ୍ୟମନ୍ତ୍ରୀ-ରୋଡ୍ ସୋ ଆର୍ଏନ୍ୟୁ /ସମ୍ବଲପୁର

ବିଜେଡ଼ି ସଭାପତି ଆଉ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଏଜ୍ ବେଲ୍‌ବୁଡ଼େ ଭୁବ୍‌ନେଶ୍ୱର୍ ନ ଗୁଟେ ରୋଡ୍ ସୋ କର୍‌ବେ । ଇ ରୋଡ୍ ସୋ’ ରେଂଟାଲ୍ କଲୋନୀନୁ ମୁଲ୍ ହେଇକରି ଓମ୍‌ଫେଡ୍ ଛକ୍, ସାଲିଆସାହି, ଜାଭିଅର୍ ଛକ୍, ବିଡ଼ିଏ ସାଇମନ୍ଦିର୍, ଚନ୍ଦ୍ରଶେଖରପୁର୍, ଡମଣା ଦେଇକରି ପଟିଆତକ୍ ଯିବା । ଇଥିର୍‌ଲାଗି କମିଶନରେଟ୍ ପୁଲିସ୍ ତର୍‌ଫୁ ଟ୍ରାଫିକ୍ କଟ୍‌କନା ଜାରି କରାଯାଇଛେ । ଆଏଜ୍ ସଞ୍ଜ୍‌ବେଲର୍ ୫ ବଜେନୁ ରୋଡ୍ ସୋ ସର୍‌ବାର୍‌ତକ୍ ଇ ବାଟେ କେନ୍‌ସି ଗାଡ଼ି ମଟର୍ ଯା’ଆସ୍ ନାଇଁ କରିପାରେ ବଲି ସୂଚ୍‌ନା ଦିଆଯାଇଛେ । ସେନ୍ତା ମୁଖ୍ୟମନ୍ତ୍ରୀ ଆଏଜ୍ ସାଢ଼େ ୧୨ ବଜେ ପୁରୀର ତାଳବଣିଆ ହେଲିପେଡ୍ ନ ଗୁଟେ ଜନ ସମାବେଶ୍‌କେ ସମ୍ବୋଧିତ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଯୋଗୀ, ଆସାମ୍ ମୁଖ୍ୟମନ୍ତ୍ରୀ-ସମ୍ବଲପୁର

ଆର୍ଏନ୍ୟୁ /ସମ୍ବଲପୁର

ଆସାମ୍ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଆଏଜ୍ ସମ୍ବଲ୍‌ପୁର୍ ସଂସଦୀୟ କ୍ଷେତ୍ର ନ ବିଜେପି ପ୍ରାର୍ଥୀଙ୍କର୍ ଲାଗି ନିର୍ବାଚନୀ ପ୍ରଚାର୍ କର୍‌ବେ । ସେ ସଖାଲର୍ ୯ ବଜେ ସମ୍ବଲ୍‌ପୁର୍ କଚ୍‌ରୀ ଛକ୍ ନ ଥିବା ବେଜ୍‌ବରୁଆ ସାଧନା ପୀଠ ଯିବେ । ତାର୍‌ପରେ ଦେବ୍‌ଗଡ଼୍ ନ ଗୁଟେ ରୋଡ଼୍ ସୋ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଇତାର୍ ଉତ୍‌ରୁ ଦୁଇପହରେ କେନ୍ଦୁଝର୍, ଚମ୍ପୁଆ ନିର୍ବାଚନ୍ ମଣ୍ଡଲୀ ବଡ଼୍‌ବିଲ୍ ନ ନିର୍ବାଚନୀ ପ୍ରଚାର୍ କର୍‌ବେ । ଉପର୍‌ବେଲା ଚୌଦ୍ୱାର୍ ଆର୍ ବଡ଼୍‌ମ୍ବା ନ ହେବାର୍‌କେ ଥିବା ଜନସଭାକେ ସେ ସମ୍ବୋଧିତ୍ କର୍‌ବେ ବଲି ବିଜେପି ତର୍‌ଫୁ ସୂଚ୍‌ନା ମିଲିଛେ ।
ସେଆଡ଼େ ଆଏବା କାଏଲ୍ ଉତର୍ ପ୍ରଦେଶ୍ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ୍ ଓଡ଼ିଶା ଆସୁଛନ୍ । ସେ ଚିଲିକା ନିର୍ବାଚନ୍ ମଣ୍ଡଲୀର୍ ବାଣପୁର୍ ଆର୍ ମାହାଙ୍ଗା ନ ହେବାର୍‌କେ ଥିବା ଜନସଭାକେ ସମ୍ବୋଧିତ୍ କର୍‌ବାର୍ ସହେତେ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍‌ବେ ।

ସ୍କୁଲ୍ ସୁରକ୍ଷା ହପ୍ତା          ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏବା ଜୁନ୍ ମାସର୍ ୧୯ ନୁ ୨୫ ତାରିଖ୍‌ତକ୍ ସ୍କୁଲ୍‌ମାନ୍‌କେ ପିଲାମାନ୍‌କର୍ ପାଠ୍‌ପଢ଼ା ସହେତେ ସେମାନ୍‌କର୍ ସ୍ୱାସ୍ଥ୍ୟସୁରକ୍ଷା

ଲାଗି 'ସ୍କୁଲ୍ ସୁରକ୍ଷା ହପ୍ତା' ପାଲନ୍ କରାଯିବା । ଇ ବାବ୍‌ଦେ ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସବୁ ସ୍କୁଲ୍ ମାନ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ପିଲାମାନକେ ସ୍କୁଲ୍‌ର ସୁରକ୍ଷା ସହେତେ ସେମାନ୍‌କର୍ ସ୍ୱାସ୍ଥ୍ୟ ବାବ୍‌ଦେ ସଚେତନ୍ କରାଯିବା । ଇଥିର୍‌ଲାଗି ଫି ସ୍କୁଲ୍‌ନ ସ୍ୱାସ୍ଥ୍ୟ ପଞ୍ଜିକରଣ୍ ଖାତା ରଖାଯିବା । ଯେନ୍‌ଥି ଫି' ଦିନ ପିଲାମାନ୍‌କର୍ ସ୍ୱାସ୍ଥ୍ୟ ବାବଦ୍ ରିପୋର୍ଟ ରହେବା ।  ସୁରକ୍ଷା ସମସ୍ୟାର୍ ସମାଧାନ୍ ଲାଗି ଗୁଟେ ଅଭିଯୋଗ୍ ବାକ୍ସ ସ୍କୁଲ୍ ନ ରଖାଯିବା । ଇ ବାବ୍‌ଦେ ଓଡ଼ିଶା ବିଦ୍ୟାଲୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍ ତର୍‌ଫୁ ଗାଇଡ୍ ଲାଇନ୍ ପ୍ରସ୍ତୁତ୍ କରାଯାଇଛେ ।

ହାତୀ ଗଣ୍‌ନା          ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ସଖାଲର୍ ୬ ବଜେନୁ ରାଏଜେ ହାତୀ ଗନ୍‌ନା ମୁଲ୍ ହେଇଛେ ବଲି ଜଙ୍ଗଲ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ । ରାଜ୍ୟର୍ ୫୧ ଟା ଡିଭିଜନ୍‌ନୁ ୪୬ ଟା ଡିଭିଜନ୍ ଭିତ୍‌ରେ ଫି' ଦିନ ହାତୀମାନ୍‌କର୍  ଯା'ଆସ୍ ଚାଲିଛେ । ଇ ୪୬ ଟା ଡିଭିଜନ୍ ନ ହାତୀଗଣ୍‌ନା ଲାଗି ୧ ହଜାର୍ ଶହେ ୩୬ ଟା ମଚାନ୍ ତିଆର୍ କରାଯାଇଛେ । ଇତାର୍‌ଛଡ଼ା ଜଙ୍ଗଲ୍ ମାନ୍‌କେ ଥିବା ୱାଚ୍ ଟାୱାର୍‌ନୁ ଭିଲ୍ ହାତୀ ଗଣ୍‌ନା କରାଯିବା ।  ହାତୀଗଣ୍‌ନା ଲାଗି

ଡ୍ରୋନ୍‌ର ବେଭାର୍ ଭିଲ୍ କରାଯିବା । ଇଥିର୍‌ଲାଗି ଜଙ୍ଗଲ୍ କର୍ମଚାରୀମାନ୍‌କୁ ତାଲିମ୍ ଦିଆଯାଇଛେ । ହାତୀ ଗଣ୍‌ନା କାମ୍ ଲାଗି ୩ ନୁ ୪ ଝନ୍‌କୁ ନେଇକରି ଗୁଟେ ଗୁଟେ ୟୁନିଟ୍ ପ୍ରସ୍ତୁତ୍ କରାଯାଇଛେ । ଭିନ୍ ଭିନ୍ ରେଞ୍ଜ୍ ଆର୍ ସର୍କଲ୍‌ମାନ୍‌କର୍‌ନୁ ଆସିଥିବା ରିପୋର୍ଟକେ ନେଇକରି ତର୍ଜମା କରାଯିବା ଆଉ ହାତୀଗଣନାର୍ ରିପୋର୍ଟ ପ୍ରସ୍ତୁତ୍ କରାଯିବା ବଲି ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ ।

ମତଦାନ୍- ସ୍ୱାସ୍ଥ୍ୟକର୍ମଚାରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲ୍‌ପୁର୍ ଲୋକ୍‌ସଭା ଆର୍ ତାର୍ ଅଧୀନ୍‌ଥି ଥିବା ବିଧାନ୍‌ସଭା ଆସନ୍ ଲାଗି ଆଏବା ୨୫ ତାରିଖ୍ ଭୋଟ୍ ହେବା । ଜରୁରୀ ସେବା ଯୁଗେଇ ଦଉଥିବାର୍ ସ୍ୱାସ୍ଥ୍ୟ ବିଭାଗ୍‌ର ଭିନ୍ ଭିନ୍ କର୍ମଚାରୀ ଆର୍ ଡାକ୍ତର୍‌ମାନେ ଭୋଟ୍ ଦେବାର୍ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛେ । ମତଦାନ୍ କେନ୍ଦ୍ରମାନ୍‌କୁ ଇମାନେ ନିଜର୍ ପରିଚୟ ପତ୍ର ଦେଖେଇକରି ଧାଡ଼ିଥି ନାଇଁ ଠିଆହେଇକରି ଭୋଟ୍ ଦେଇପାର୍‌ବେ ବଲି ଜିଲ୍ଲା ସ୍ୱାସ୍ଥ୍ୟ କଲ୍ୟାଣ୍ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ସମ୍ବଲପୁର

ଦକ୍ଷିଣ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଆଏଜ୍ ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ଅନୁମାନ୍ କରାଯାଇଛେ । ତାର୍ ଉତ୍‌ରୁ ଇଟା ଉତର୍‌ପୂର୍ବ ଦିଗ୍‌କେ ଗତି କର୍‌ବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ଆଏବା ଶୁକ୍ରବାର୍ ଆଡ଼େ ଲଘୁଚାପ୍-ଅବପାତ୍‌ର ରୂପ୍ ନେବା । ଇଥିର୍‌ଲାଗି ଦକ୍ଷିଣ ଓଡ଼ିଶା ସହେତେ ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍ ଆର୍ ବର୍‌ଗଡ଼୍ ଜିଲ୍ଲାକେ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ । ଇ  ଜିଲ୍ଲାମାନ୍‌କର୍ ଗୁଟେ ଜୁଡ଼େ ଜାଗା ନ ଘଂଟାକ ୩୦ ନୁ ୪୦ କିଲୋମିଟର୍ ବେଗଥି ପବନ୍ ବୁହିବାର୍ ସହେତେ ବିଜ୍‌ଲି ମାର୍‌ବାର୍ ଅନୁମାନ୍ କରାଯାଇଛେ ।